### ଠିକାଦାରଙ୍କ ଅପାରଗତା, ସରୁନି କାମ

# କାମରେ ଲାଗିପାରୁନି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ

ଠାକୁରମୁଣ୍ଡା, ୧୭।୨(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ଗ୍ରାମରେ ପ୍ରତିଷ୍ଠା ହୋଇଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅବସ୍ଥା ଏବେ ନ କହିବା ଭଲ। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ନିର୍ମାଣ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଶ୍ରେଣୀ ଗୃହ ଅଭାବ ଯୋଗୁଁ ପାଠପଢ଼ା ବ୍ୟାହତ ହେଉଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

୨୦୨୪ ଅକ୍ଟୋବର ୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଏହି ବିଦ୍ୟାଳୟର ଉଦଘାଟନ ହୋଇଥିଲା। ଏହାପରଠୁ ପ୍ରଥମ ବର୍ଷ ଷଷ୍ଠ ଶ୍ରେଣୀରେ ୬୦ ଜଣ ଛାତ୍ରଙ୍କୁ ଉକ୍ତ ସ୍କୁଲରେ ଆଡ଼ମିଶନ କରାଯାଇଥିଲା। ତେବେ ନୂତନ ଭାବରେ ନିର୍ମାଣ ହେଉଥିବା ବିଦ୍ୟାଳୟର କିଛି କାର୍ଯ୍ୟ ବାକି ଥିବାରୁ ଆଡ଼ମିଶନ ହୋଇଥିବା ୬୦ ଜଣ ଛାତ୍ରଙ୍କୁ ଉଦଳାଠାରେ ଥିବା ଏକଲବ୍ୟ ଆବାସିକ ବିଦ୍ୟାଳୟରେ ରଖାଯାଇ ସେଠାରେ ପାଠପଢ଼ା ଯାଉଥିଲା। ପରବର୍ତ୍ତୀ



ବର୍ଷ ମଧ୍ୟ ୬୦ ଜଣଙ୍କୁ ଆଡ଼ମିସନ ନିଆଯାଇଥିଲା। ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ମିଶାଇ ମୋଟ ୧୨୦ ଜଣ ଛାତ୍ର ଉଦଳା ଏକଲବ୍ୟ ଆବାସିକ ବିଦ୍ୟାଳୟରେ ରହି ଅଧ୍ୟୟନ କରୁଥିଲେ। କିନ୍ତୁ ୨ ବର୍ଷ ପରେ ଏହି ୧୨୦ ଜଣ ଛାତ୍ରଙ୍କୁ ଆଡ଼ମିଶନ ହୋଇଥିବା ନିଜ ବିଦ୍ୟାଳୟ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ାଇବାକୁ ଉଦଳା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରୁ ସ୍ଥାନାନ୍ତର ହୋଇଆସିଥିବା ଏହି ୧୨୦ ଜଣ ଛାତ୍ର ଏବେ ନିଜ ଏକଲବ୍ୟ ଆବାସିକ ବିଦ୍ୟାଳୟ ସାତକୋଶିଆଠାରେ ନଥିବା ଜଣାପଡ଼ିଛି। ଏହି ଛାତ୍ରମାନେ ଏବେ କେଉଁଠାରେ ରହି ଅଧ୍ୟୟନ କରୁଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବିଷୟରେ ଏକଲବ୍ୟ ଆଦର୍ଶ ସ୍କୁଲର ଅଧ୍ୟକ୍ଷ ପ୍ରଶାନ୍ତ କୁମାରଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟ ପରିସରରେ ପାଣି ସମସ୍ୟା ଥିବାରୁ ଛାତ୍ରଛାତ୍ରୀଙ୍କୁ ତାଙ୍କ ଘରକୁ ପଠାଇ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ଏ ବିଷୟରେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଥିଲେ। ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ପଚାରିବାରୁ ସେ ଜାଣିନାହାନ୍ତି ବୋଲି କହିଥିଲେ। କରଞ୍ଜିଆ ପିଏଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତଙ୍କୁ ପଚାରିବାରୁ ସେ କହିଲେ, ଏବେ ସ୍କୁଲ ବିଷୟରେ ଆମେ ବୁଝୁନୁ। ଏଡିଡବ୍ଲୁଓ ବୁଝୁଛନ୍ତି। ସ୍କୁଲ ମରାମତି କାମ ଆମେ ବୁଝୁ। ଏଠାରେ ପ୍ରଶ୍ନ ଉଠୁଛି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ କାହାକୁ ଜଣାଇ ଏପରି ୧୨୦ ଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ବର୍ତ୍ତମାନ ପରୀକ୍ଷା ସମୟ। ଏ ସମୟରେ ସ୍କୁଲ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଛି। ତେବେ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

● ମେଡିକାଲ କଲେଜରେ ସମସ୍ତ ବିଭାଗ ଖୋଲିବା ଦାବି

## ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନର ପ୍ରସ୍ତୁତି ବୈଠକ



ବାରିପଦା, ୧୭ ।୨(ସମିସ): ବାରିପଦାଠାରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ସମସ୍ତ ଚିକିତ୍ସା ବିଭାଗ ଖୋଲିବା ସହିତ ମୟୂରଭଞ୍ଜବାସୀଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ମୟୂରଭଞ୍ଜରେ ଏମ୍ସ ପ୍ରତିଷ୍ଠା ଦାବିରେ ଆସନ୍ତା ୨୭ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିନିମନ୍ତେ ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବାରିପଦା ନିକଟ ବାଙ୍କିଶୋଳ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଶୋଳ ଗ୍ରାମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ହେଉଛି ଓଡ଼ିଶାର ସବୁଠାରୁ ବଡ଼ ଜିଲ୍ଲା ଓ ଓଡ଼ିଶାର ସବୁ ଜିଲ୍ଲାଠାରୁ ଏଠାକାର ଲୋକ ସଂଖ୍ୟା ମଧ୍ୟ ଢେର ଅଧିକ। ଏଠାରେ ସ୍ୱାସ୍ଥ୍ୟ ସେବା ଏତେ ଉନ୍ନତମାନର ନ ଥିବାରୁ ଏଠାକାର ରୋଗୀଙ୍କୁ ବାରମ୍ବାର କଟକସ୍ଥ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ରେଫର କରାଯାଉଛି। ଅନେକ ସମୟରେ ରୋଗୀ ମଧ୍ୟ ଠିକ ସମୟରେ କଟକ ଡାକ୍ତରଖାନାରେ ପହଞ୍ଚି ନ ପାରିବାରୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ମୟୂରଭଞ୍ଜ ଲୋକଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ଏଠାରେ ଏମ୍ସ ପ୍ରତିଷ୍ଠା କରିବା ପାଇଁ ମାସାଆର୍ମୀ ପକ୍ଷରୁ ଦୃଢ ଦାବି କରାଯାଇଛି। ବୈଠକରେ ରାହୁଲ ମୁର୍ମୁ, ଚାନ୍ଦ୍ରୟ ମାରାଣ୍ଡି, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଚିତ୍ତ ମାରାଣ୍ଡି, ରଣଜିତ୍ ଟୁଡୁ, ଭୀମ ଚରଣ ଟୁଡୁ, ଅବିନାଶ ମାରାଣ୍ଡି, ଟିକା ବାଦଲ ମାରାଣ୍ଡି, ସଞ୍ଜିତ ହାଁସଦା, ଖେଲା ମୁର୍ମୁ, ମୁନିରାମ୍ ହାଁସଦା, ଖେଲା ହାଁସଦା ପ୍ରମୁଖ ଯୋଗ ଦେଇଥିଲେ।

## ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ସିରିଜ୍ ଚୋରି

ରାସଗୋବିନ୍ଦପୁର, ୧୭।୨(ସମିସ): ରାସଗୋବିନ୍ଦପୁର ଥାନାଠାରୁ ମାତ୍ର ୧ କିମି ଦୂରରୁ ୫ ଜଣଙ୍କ ଘରେ ଗତକାଲି ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ନିକଟରେ ଚାଲିଥିବା ଦେବଶୋଳ ମେଳାକୁ ଘର ଲୋକ ଯାଇଥିବାବେଳେ ଏହାର ସୁଯୋଗରେ ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ଅଭିଯୋଗ ମୁତାବକ ମୂଷାମାରୀସ୍ଥ ଗୌରହରି ମେଡିସିନ ଷ୍ଟୋରରୁ ୧ ଲକ୍ଷ ୬୦ ହଜାର ନଗଦ ଟଙ୍କା, ରାମଚନ୍ଦ୍ରପୁର ଗ୍ରାମର ବଳରାମ ସାହୁଙ୍କ ଘରୁ ୧ ଲକ୍ଷ ୨୦ ହଜାର ଟଙ୍କା ଓ ୫ଲକ୍ଷ ଟଙ୍କାର ସୁନା ଗହଣା, ମୂଷାମାରୀ ଗ୍ରାମର ଖଗେନ୍ଦ୍ର ତରେଇଙ୍କ ଘରୁ ୨ ଲକ୍ଷ ଟଙ୍କାର ଗହଣା ଓ ନଗଦ ୯ ହଜାର ଟଙ୍କା, ଶମ୍ଭୁନାଥ ତରେଇଙ୍କ ଘରୁ ଗହଣା ଓ ଟଙ୍କା, ସନ୍ତୋଷ ସାହୁ ଘରୁ ୧୦ ହଜାର ଟଙ୍କା ଚୋରି ହୋଇଛି। ଏନେଇ ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି। ବିଭିନ୍ନ ସ୍ଥାନରେ ଲାଗିଥବା ସିସିଟିଭିକୁ ଯାଞ୍ଚ କରୁଛି ପୁଲିସ।

## ଆଇନଜୀବୀଙ୍କ ପରଲୋକ

କୁଳିଅଣା, ୧୭।୨(ସମିସ): କୁଳିଅଣା ପଞ୍ଚାୟତ ଅଧୀନ ପ୍ରତାପପୁର ଗ୍ରାମର ଆଇନଜୀବୀ ଦିଲ୍ଲୀପ କୁମାର ପାଣିଗ୍ରାହୀ (୬୨)ଙ୍କ ଗତକାଲି ଅପରାହ୍ନରେ ପରଲୋକ ଘଟିଛି। ସେ ହଠାତ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ବାରିପଦାସ୍ଥ ପିଆରଏମ ମେଡିକାଲ କଲେଜକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ନେବା ବାଟରେ ସୋର ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରୁ ତାଙ୍କ ମରଶରୀର ପ୍ରତାପପୁର ଗ୍ରାମରେ ସନ୍ଧ୍ୟାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେ ଜଣେ ସରଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି, ବାରିପଦା ବାର୍ ଆସୋସିଏସନର ସଦସ୍ୟ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଅଭିଳାଷ, ସାନପୁଅ ଅଭିନାଶ, ପତ୍ନୀ ମିନାକ୍ଷୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## କରଞ୍ଜିଆ ପୌରପାଳିକା ପାଇଁ ୱାର୍ଡ ଓ ସଂରକ୍ଷଣ ତାଲିକା ପ୍ରକାଶ

କରଞ୍ଜିଆ, ୧୭।୨(ସମିସ): ନୂତନ କରଞ୍ଜିଆ ପୌରପାଳିକା ନିମିତ୍ତ ୱାର୍ଡ ଓ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ୨୦ଟି ୱାର୍ଡକୁ ନେଇ କରଞ୍ଜିଆ ପୌରପାଳିକା ଗଠନ ହୋଇଥିବାବେଳେ ସରୁବାଲି ଓ ଜଗିଦେଉଳିକୁ ନେଇ ୱାର୍ଡ ନଂ ୧, କରଡ଼ିଆ, ପ୍ରୟାଗ ବିହାର, ବିନ୍ଧାଣିସାହି, ହୋ ସାହି, ମହାନ୍ତ ସାହି, ଭୂୟାଁ ସାହି ୱାର୍ଡ ନଂ୨, କରଞ୍ଜିଆ, ରଜାବନ୍ଧ ସାହି, ଅମଲା କଲୋନୀ ୱାର୍ଡ ନଂ୩, କରଞ୍ଜିଆ, ରଜାବନ୍ଧ ସାହି, ବ୍ଲକ କଲୋନୀ, ଜେଲ୍, କୋର୍ଟ ଓ ସବକଲେକ୍ଟର ଅଫିସ ୱାର୍ଡ ନଂ୪, କରଞ୍ଜିଆ, ପୁରୁଣା ବସ୍‌ଷ୍ଟାଣ୍ଡ, ମେଡିକାଲ, ଏନଏସସି ଅଫିସ, ପାତ୍ର ସାହି ଓ ଗୌରାଙ୍ଗ ମନ୍ଦିର ସାହି ୱାର୍ଡ ନଂ ୫, କରଞ୍ଜିଆ, ଗୌରାଙ୍ଗ ମନ୍ଦିର ସାହି, ପଟାଘାଟ ସାହି, ଖଜୁରୀସାଗର ସାହି, ପୁରୁଣା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ୱାର୍ଡ ନଂ୬, କରଞ୍ଜିଆ, ପଳାସିଆ, ଖଜୁରୀସାଗର ସାହିଠାରୁ ପଟାଘାଟ ସାହି ଛକ ୱାର୍ଡ ନଂ୭, ଗୋଡ଼ିସାହି, ଗାମାଗାଡ଼ିଆ ସାହି, ଶାସନ ୱାର୍ଡ ନଂ ୮, ପଳାସିଆ, ହଂସୀସାହି, ବାଙ୍କୀ ସାହି, ଜେନା ସାହି ୱାର୍ଡ ନଂ ୯, ଗିରିମା, ତେଲିସାହି, ଅମ୍ବିକା କଲୋନୀ, ବଜାର ୱାର୍ଡ ନଂ୧୦, ଗିରିମା, ପଳାସିଆ, ତେଲିସାହି, ସହର ସାହି, ଧରମଶାଳା ୱାର୍ଡ ନଂ ୧୧, ଗିରିମା ଓ ନୂଆଁସାହି ୱାର୍ଡ ନଂ ୧୨, ନିଉତି, ଅଙ୍କୁରା, ବାବୁ ସାହି, ମାଟିଆ ସାହି ୱାର୍ଡ ନଂ ୧୩, ଅଙ୍କୁରା, ବେହେରା ସାହି, ଦେହୁରୀ ସାହି, କରଞ୍ଜିଆ, ମୁଚି ସାହି, ବାରିକ ସାହି, କରଞ୍ଜିଆ ମହାବିଦ୍ୟାଳୟ ୱାର୍ଡ ନଂ ୧୪, କରଞ୍ଜିଆ, ବଣସାହି, ଚତୁରୀ ସାହି, ସତସଙ୍ଗ ବିହାର ୱାର୍ଡ ନଂ୧୫, କରଡ଼ିହା, ବଚନ କଲୋନୀ, ସତଗାଛିଆ ସାହି, ଗୋପାଳ ସାହି ୱାର୍ଡ ନଂ ୧୬, ଗଡ଼ିସାହି, ଗିରିମା, ମେଚୀନ ସାହି, ପାକୁଡ଼ ସାହି, ଅମ୍ବିକା ମନ୍ଦିରଠାରୁ ଦୋଳ ପଡ଼ିଆ, ଜେନା ସାହି ୱାର୍ଡ ନଂ୧୭, ଅଙ୍କୁରା, ଟେଣ୍ଟେଇପୋଷି, ହାବୁଡାଧର ସାହି, ହରିଜନ ବସ୍ତି, ମଙ୍ଗଳା ମନ୍ଦିର ସାହି ୱାର୍ଡ ନଂ୧୮, ଶରଧା ୱାର୍ଡ ନଂ ୧୯, ସାନଦେଉଳି ଓ ବାଲିପୋଷିକୁ ନେଇ ୱାର୍ଡ ନଂ୨୦ ଗଠନ କରାଯାଇଛି। ଯଦି କାହାରି କିଛି ଆପତ୍ତି କିମ୍ବା ମତାମତ ଦେବାର ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ଦିନ ମଧ୍ୟରେ ଗ୍ରହଣ କରାଯାଇ ବିଚାର କରାଯିବ। ୨୦ଟି ୱାର୍ଡରୁ ୯ଟି ଅନୁସୂଚିତ ଜାତି ଓ ଜନଜାତି (୭, ୮, ୧୦, ୧୧, ୧୫, ୧୯ ମହିଳା, ୭, ୧୨, ୧୪, ୨୦ ପୁରୁଷ) ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ୨, ୩, ୪, ୧୩, ୧୭ ସାଧାରଣ ବର୍ଗ ଓ ମହିଳାଙ୍କ ପାଇଁ ଏବଂ ୬ଟି ୱାର୍ଡ (୧, ୫, ୬, ୯, ୧୬, ୧୮) ଅସଂରକ୍ଷିତ ବର୍ଗ ନିମିତ୍ତ ରହିଥିବା ଏହି ବିଜ୍ଞପ୍ତି ରେ ସୂଚନା ଦିଆଯାଇଛି।

## ବ୍ଲକସ୍ତରୀୟ ସାଇବର ସୁରକ୍ଷା ଓ ମହିଳା ହିଂସା ନିରାକରଣ କର୍ମଶାଳା



ବିଶୋଇ, ୧୭ ।୨(ସମିସ): ବିଶୋଇ ବ୍ଲକ ସମନ୍ୱିତ ଶିଶୁ ଓ ମହିଳା ବିକାଶ ପ୍ରକଳ୍ପ ଓ ୱାନ ଷ୍ଟପ ସେଣ୍ଟର ରାଇରଙ୍ଗପୁରର ମିଳିତ ସହଯୋଗରେ ମହିଳା ହିଂସା ଓ ବାଲ୍ୟ ବିବାହ ନିରାକରଣ ସଚେତନତା ସହିତ ସାଇବର କ୍ରାଇମ ସୁରକ୍ଷାର ଏକ ବ୍ଲକସ୍ତରୀୟ କର୍ମଶାଳା ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ବିଟୁ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବିଡିଓ ସାଗର ମୁର୍ମୁ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିବା ସହିତ ସାଇବର କ୍ରାଇମ ସଚେତନତା ସହିତ ଶିଶୁ ସୁରକ୍ଷା, ବାଲ୍ୟ ବିବାହ ରୋକିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ୱାନ ଅଫ ସେଣ୍ଟରର କେନ୍ଦ୍ର ଅଧିକାରୀ ଡେଜି ବେହେରା ମହିଳା ହିଂସା ନିରାକରଣ ସମ୍ବନ୍ଧୀୟ ବିଭିନ୍ନ ଦିଗ ପ୍ରତି ସଚେତନତା କରାଇଥିଲେ।

ସେହିପରି ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଗୁରୁବା ମୁର୍ମୁ ଯୋଗଦେଇ ସାଇବର କ୍ରାଇମ, ମହିଳା ନିର୍ଯାତନା ଓ ବାଲ୍ୟବିବାହ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଣୟନ ବିଭିନ୍ନ ଦଣ୍ଡ ବିଧାନ ଆଇନ ବ୍ୟବସ୍ଥା ଓ ଧାରା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଶୋଇ ଥାନା ଏସ୍‌ଆଇ ଘନଶ୍ୟାମ ମଲ୍ଲିକ ଉପସ୍ଥିତ ରହି ସାଇବର କ୍ରାଇମରୁ ବଞ୍ଚିବା ପାଇଁ ନିଜେ ସଚେତନତା ରହିବା ସହିତ ଏହାର ସମ୍ମୁଖୀନ ହେଲେ ତୁରନ୍ତ ୧୯୩୦ ଟୋଲ ଫ୍ରି ନମ୍ବରରେ କଲ କରିବା ପାଇଁ ପରାମର୍ଶ ଦେଇଥିଲେ। ବାଡୁଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁଜିତ ପରିଡ଼ା ଯୋଗଦେଇ ସାଇବର ସିକ୍ୟୁରିଟି ବିଷୟରେ ସଚେତନ କରାଇଥିଲେ। ସାଇବର କ୍ରାଇମ, ବାଲ୍ୟ ବିବାହ ରୋକିବା ନିମନ୍ତେ ମିଶନ ଶକ୍ତି ପକ୍ଷରୁ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ବିଶୋଇ ବ୍ଲକ ମିଶନ ଶକ୍ତି ବିଏଲଏଫ ଉପସଭାପତି କଳ୍ପନା ମହାନ୍ତ ଆଲୋଚନା କରିଥିଲେ। ସିଡିପିଓ ଶ୍ରୀମତୀ ଟୁଡୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ବିଭିନ୍ନ ନିୟମ ଓ ଯୋଗ୍ୟତା ମାନଦଣ୍ଡ ବିଷୟରେ ସୂଚନା ପ୍ରଦାନ କରିବା ସହିତ ବାଲ୍ୟବିବାହ ଘଟଣା ଆଗକୁ ଆସିଲେ ତୁରନ୍ତ ବିଭାଗକୁ ଖବର ଦେବା ପାଇଁ ଅନୁରୋଧ କରିଥିଲେ। ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣରେ କୃତୀ ପ୍ରତିଭାବାନ ତିନିଜଣ କିଶୋରୀ ବାଳିକାଙ୍କୁ ୧ ହଜାର ଟଙ୍କା ଲେଖାଏଁ ଚେକ ପ୍ରଦାନ କରାଯାଇଥିଲା। ଶେଷରେ ବାଲ୍ୟ ବିବାହ ରୋକିବା ପାଇଁ ସମସ୍ତ ଅତିଥି, ଆଶା, ଅଙ୍ଗନବାଡି, କିଶୋରୀ ବାଳିକା, ସ୍ଥାନୀୟ ଗ୍ରାମର ମାଝୀ ବାବା ଓ ୱାର୍ଡ ସଭ୍ୟ ସାମୂହିକ ଶପଥ ପାଠ ଗ୍ରହଣ କରିଥିଲେ। ଆଇସିଡିଏସ୍ ସୁପରଭାଇଜର ମାନସୀ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ସୁପରଭାଇଜର ପ୍ରଭାସିନୀ ଦଳେଇ, ମମତା ପିଏ, ବରୁଣ ପରିଡ଼ା ସହଯୋଗ କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ଗିରଫ

ରାଇରଙ୍ଗପୁର, ୧୭।୨(ସମିସ): ନାବାଳିକା ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ରାଇରଙ୍ଗପୁର ଟାଉନ ଥାନା ପୁଲିସ ଶିକ୍ଷକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଶିକ୍ଷକ ଜଣକ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଅଁଳାଡୁବା ଗ୍ରାମର ମହାଦେବ ମହାନ୍ତ। ଛାତ୍ରୀଙ୍କୁ ଶିକ୍ଷକ ମହାଦେବ ଏକୁଟିଆ ପାଇଁ ଅସଦାଚରଣ କରିଥିଲେ। ଯାହାକୁ ନେଇ ନାବାଳିକା ଛାତ୍ରୀ ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ପରିବାର ଲୋକେ ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ପୀଡ଼ିତା ନାବାଳିକାର ବୟାନ ରେକର୍ଡ କରିଥିଲା। ଡାକ୍ତରୀ ମାଇନା କରିବା ପରେ ଅଭିଯୁକ୍ତ ଶିକ୍ଷକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ଶିକ୍ଷକ ମହାଦେବ ମହାନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଦାଦନ ଖଟିବାକୁ ଯାଇ ହଟହଟା ହେଲେ ମହିଳା



ଠାକୁରମୁଣ୍ଡା, ୧୭।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ଥାନା କେସଡିହା ପଞ୍ଚାୟତ ବଡ଼ବାଲିପୋଷି ଗ୍ରାମର ପ୍ରେମ୍ ସିଂ କାଣ୍ଡେୟାନଙ୍କ ସ୍ତ୍ରୀ ନିରାସ କାଣ୍ଡେୟାନ ୭ ମାସ ପୂର୍ବେ ଭେଲୋରରେ ଥିବା କୁମ୍ଭାଣ୍ଡମପାଲୟମ କେଏମ କନିଟୱେର ପ୍ରାଇଭେଟ୍ ଲିମିଟେଡକୁ କାମ କରିବା ପାଇଁ ଯାଇଥିଲେ। ହଠାତ୍ ତାଙ୍କ ଦେହ ଅତ୍ୟଧିକ ଅସୁସ୍ଥ ହେବାରୁ ଘରକୁ ଆସିବା ପାଇଁ ଚାହୁଁଥିଲେ। ତେବେ କମ୍ପାନୀର ମାଲିକ ୨୦ ହଜାର ଟଙ୍କା ନ ଦେଲେ ଛାଡିବେନି ବୋଲି କହିଥିଲେ। ଫଳରେ ସେ କାନ୍ଦି କାନ୍ଦି ଘରକୁ ଜଣାଇଥିଲେ। ତାଙ୍କ ସ୍ୱାମୀ ଗତ ୯ ତାରିଖ ଦିନ ମହୁଲଡିହା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଭେଲୋର ଯାଇ ଲୋକାଲ ଥାନାରେ ଏଫ୍‌ଆଇଆର ଦେବାକୁ କହିଥିଲେ। ତାଙ୍କ ସ୍ୱାମୀ ପେସାରେ ଡ୍ରାଇଭର ତେଣୁ ଓଡ଼ିଶା ଡ୍ରାଇଭର ମହାସଂଘକୁ ଏ ବିଷୟରେ ଜଣାଇଥିଲେ। ପରେ ଏହି ସମସ୍ୟାଟି ମୟୂରଭଞ୍ଜ ଜିଲ୍ଲା ସଭାପତି ଗୋପବନ୍ଧୁ ମହାନ୍ତ ଓ ଗୌରିଶଙ୍କର ସାହୁଙ୍କ ନିକଟରେ ପହଞ୍ଚିବା ପରେ ଏଚ୍‌ଆରଡିଏଫ୍ ଇଣ୍ଡିଆର ଜାତୀୟ ସଭାପତି ଦୁଃଖବନ୍ଧୁ ବିଶ୍ୱାଳ ଓ ରାଜ୍ୟ ସଭାପତି ସୋମନାଥ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏଚ୍‌ଆରଡିଏଫ୍ ଇଣ୍ଡିଆର ସଦସ୍ୟ ପ୍ରଶାନ୍ତ ନାୟକ ମୟୁରଭଞ୍ଜ ଲେବର ଅଫିସରଙ୍କ ସହିତ କଥା ହୋଇ ମହିଳାଙ୍କୁ ଉଦ୍ଧାର କରିବା ସହିତ ନିଜ ଘରକୁ ଫେରାଇ ଆଣିଥିOବା ଜଣାପଡ଼ିଛି।

## ତ୍ରିକୁଟେଶ୍ୱର ମହାଦେବଙ୍କ ପୀଠରେ ଅନ୍ନଛତ୍ର

ବେତନଟୀ, ୧୭।୨(ସମିସ): ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଗ୍ରାମରେ ଅବସ୍ଥାପିତ ବାବା ତ୍ରିକୁଟେଶ୍ୱର ମହାଦେବଙ୍କ ଜାଗର ମେଳାର ଦ୍ୱିତୀୟ ଦିବସରେ ବାବାଙ୍କ ପୀଠରେ ଅନ୍ନଛତ୍ର ବ୍ୟବସ୍ଥା ପୂର୍ବବର୍ଷ ଭଳି ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଯୁବକଙ୍କ ସହଯୋଗରେ ମନ୍ଦିର ନିକଟରେ ଏହି ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା। ଦହିକୋଟୀ ବ୍ରାହ୍ମଣ ସାହି, ମହାନ୍ତ ସାହି ଓ ଭୂମିଜ ସାହି ବ୍ୟତୀତ ଆଖପାଖ ୫ ଖଣ୍ଡ ଗ୍ରାମର ପୁରୁଷ, ମହିଳା ଓ ଯୁବକଯୁବତୀଙ୍କ ଭିଡ଼ ଲାଗିଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ଅନ୍ନଛତ୍ରରେ ସାମିଲ ହୋଇଥିଲେ। ବଡ଼ସାହି ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସଞ୍ଜୟ ମିଶ୍ର, ସୀତାନାଥ ବେହେରା, ମଧୁସୂଦନ ମହାନ୍ତି, ଲିପୁନ ତ୍ରିପାଠୀ, ଅନୁପ କୁମାର ଓତା, ଭବାନୀ ଶଙ୍କର ମହାନ୍ତ, ଶିବଶଙ୍କର ମହାନ୍ତ, ରୂପରଞ୍ଜନ ମହାନ୍ତ, ଅନୁପମ ମିଶ୍ର, ଅଙ୍କିତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଏଭଳି ସାମୂହିକ କାର୍ଯ୍ୟକୁ ପୂର୍ବତନ ବିଧାୟକ ଶ୍ରୀ ପାତ୍ର ପ୍ରଶଂସା କରିଥିବାବେଳେ ସୌରଭ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ।



## ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ

ବଡ଼ସାହି/ମାଣତ୍ରୀ, ୧୭।୨(ସମିସ): ବିଜିପୁରସ୍ଥ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଡା. କାଳୀକିଙ୍କର ଦାସ, ସୁଭାଙ୍ଗିନୀ ମିଶ୍ର, ଶିକ୍ଷାବିତ ଶ୍ରୀକାନ୍ତ ଜେନା ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଡା କିଶୋର ଚନ୍ଦ୍ର ମହାପାତ୍ର ଓ ସର୍ବେଶ୍ୱର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ଆଧୁନିକତା କିଭଳି ସାମାଜିକ ବ୍ୟବସ୍ଥାକୁ ବିପଥଗାମୀ କରୁଛି ଓ ଏହାକୁ ସୁରକ୍ଷିତ କରିବା ନିମନ୍ତେ ନିୟମିତ ପାଠଚକ୍ର ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆବଶ୍ୟକତା ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ।

● ପ୍ରଣାମର ବାର୍ଷିକ ଉତ୍ସବ

## ଚିତ୍ରଡା ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତିକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟ

ମୋରଡ଼ା, ୧୭।୨(ସମିସ): ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା ବସ୍‌ଷ୍ଟାଣ୍ଡରେ ପବିତ୍ର ମହାଶିବରାତ୍ରି ଅବସରରେ ସାଂସ୍କୃତିକ ଅନୁଷ୍ଠାନ 'ପ୍ରଣାମ'ର ୧୧ତମ ବାର୍ଷିକ ଉତ୍ସବ ଉପମ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଜଗତଜ୍ୟୋତି ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥ Oଭାବେ ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ପ୍ରକାଶିକା ମଞ୍ଜୁଶ୍ରୀ ରାୟ, ସଭାପତି ହୃଷିକେଶ ବେହେରା ପ୍ରମୁଖ ଯୋଗଦେଇ ପ୍ରଣାମ ସଂଗଠନ ଚିତ୍ରଡା ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଇତିହାସକୁ ଲୋକଲୋଚନକୁ ଆଣିବା ସହିତ ଗାଁରେ ବଢୁଥିବା କଳାକାର, ପ୍ରତିଭାଙ୍କ ଅନ୍ୱେଷଣରେ ପ୍ରଣାମ ଏକ ଅତୁଳନୀୟ ଆଲେଖ୍ୟ ବୋଲି କହିଥିଲେ। ପରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଚିତ୍ରଡା ଗ୍ରାମର ଲଳିତେନ୍ଦୁ ବେହେରାଙ୍କ ସମେତ ଛଉନୃତ୍ୟ ଗୁରୁ ପ୍ରଭାକର ମହାନ୍ତ, ଛଉ ନୃତ୍ୟ ସଙ୍ଗୀତ ଶିଳ୍ପୀ ହରିହର ଜେନା, ସାମ୍ବାଦିକତା କ୍ଷେତ୍ରରେ ରଣଜିତ ସାହୁ, ଶିକ୍ଷା କ୍ଷେତ୍ରରେ ମନୋରଞ୍ଜନ ମହାନ୍ତ, ସାହିତ୍ୟରେ ଅଜୟ ପାଳ, ଅଭିନୟରେ ଅଦିତି ବେହେରା, ଜଗନ୍ନାଥ ସଂଗଠକ ମନୋଜ କୁମାର ମହାନ୍ତ, ମୃତ୍ତିକା ଶିଳ୍ପୀ ଶ୍ୟାମରଥ ବେହେରା, କୃଷିରେ ସ୍ୱରୂପ ବେହେରା, ଶିକ୍ଷକତାରେ ସରୋଜ ମହାନ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଚିତ୍ରିତ ନାମକ ଏକ ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସୁଶ୍ରୀ ସୁହାନା ଓ ଶ୍ରେୟସୀ ବାରିକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇତିହାସ ଗବେଷକ ଅନ୍ତର୍ଯ୍ୟାମୀ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବାଇପାସ ନିର୍ମାଣ କାମ ଅନୁଧ୍ୟାନ କଲେ ଜିଲ୍ଲାପାଳ

# ଧାର୍ଯ୍ୟ ସମୟରେ କାମ ସାରିବାକୁ ନିର୍ଦ୍ଦେଶ

ରାଇରଙ୍ଗପୁର, ୧୭।୨(ସମିସ): ରାଇରଙ୍ଗପୁର ସହରବାସୀଙ୍କ ବହୁ ପ୍ରତୀକ୍ଷିତ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ନିର୍ମାଣ ସ୍ଥଳ ପରିଦର୍ଶନ କରିଛନ୍ତି। ନିର୍ମାଣ କାର୍ଯ୍ୟର ସମୀକ୍ଷା କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସନ୍ତା ମାସରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଥିବାର ସୂଚନା ରହିଛି। ତେବେ ଉକ୍ତ ସମୟରେ ବହୁ ପ୍ରତୀକ୍ଷିତ ରାଇରଙ୍ଗପୁର ବାଇପାସ ରାସ୍ତା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ହେବାର ସମ୍ଭାବନା ରହିଛି। ଯାହାକୁ ନେଇ ନିର୍ମାଣ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ତ୍ୱରାନ୍ୱିତ କରାଯାଉଛି।

ରାଞ୍ଚି-ବିଜୟୱାଡା ୨୨୦ନଂ ଜାତୀୟ ରାଜପଥ ୨୦୨୨-୨୦୨୩ ବାର୍ଷିକ ଯୋଜନାରେ ଦୁଇ ଲେନ ବିଶିଷ୍ଟ ବାଇପାସ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଯାହାକୁ ନେଇ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜିଲ୍ଲାପାଳ ଶ୍ରୀ ସୟ ପରିଦର୍ଶନ ସମୟରେ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାସ୍ତାରେ ମାଟି ପଡ଼ି ସମତୁଲ ହୋଇ ସାରିଥିବାବେଳେ ଗୋଡି ପଡ଼ିବା ଜାରି ରହିଛି। ଖୁବଶୀଘ୍ର ପିଚ ପଡ଼ି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଟେଣ୍ଡର ଅନୁଯାୟୀ ପ୍ରଦାନ ହୋଇଥିବା ଧାର୍ଯ୍ୟ ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଠିକା ସଂସ୍ଥାକୁ ଜିଲ୍ଲାପାଳ ଶ୍ରୀ ସୟ ନିର୍ଦ୍ଦେଶ ଦେଇଛନ୍ତି। ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ପୂର୍ବରୁ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି। ମିଶ୍ରା କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଜମି ଅଧିଗ୍ରହଣ ନେଇ ନିର୍ମାଣ ପାଇଁ ମଝିରେ ସମସ୍ୟା ସୃଷ୍ଟି ହୋଇଥିଲା। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଏହାର ସମାଧାନ କରି ଜମି ଅଧିଗ୍ରହଣ ହେଉଥିବା ସମସ୍ୟାର ସୁରୁଖୁରୁରେ ସମାଧାନ କରିଛନ୍ତି। ଯାହାକୁ ନେଇ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଉକ୍ତ ବାଇପାସ ରାସ୍ତା ଯଶିପୁର ଜାତୀୟ ରାଜପଥକୁ ସଂଯୋଗ କରିବ। ଜିଲ୍ଲାପାଳଙ୍କ ଅନୁଧ୍ୟାନ ସମୟରେ ପୂର୍ତ୍ତ ବିଭାଗ ଓ ଲାଇନ ବିଭାଗର ଯନ୍ତ୍ରୀ ଓ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



### ଧାନକିଣାରେ ବ୍ୟାପକ ଅନିୟମିତତା

# ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ଆନ୍ଦୋଳନ

ଜଳେଶ୍ୱର ବ୍ଲକ/ଜଳେଶ୍ୱର,୧୭।୨(ସମିସ)




ଧାନ କିଣାରେ ବ୍ୟାପକ ଅନିୟମିତତା ଏବଂ ମିଲରଙ୍କ ମନମାନି ବିରୋଧରେ ଆଜି ଜଳେଶ୍ୱରରେ ଚାଷୀ ଗର୍ଜନ କରିଛନ୍ତି।

ମଙ୍ଗଳବାର ସକାଳ ୧୦ଟାରୁ ଜଳେଶ୍ୱର ବ୍ଲକର ଶତାଧିକ ଚାଷୀ ରାଜପୁର ସମ୍ମୁଖ ଓଟି ରୋଡ୍ ଉପରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ରେ ଶତାଧିକ ଯାନବାହାନ ଅଟକି ରହିବା ସହ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା।

ଜଳେଶ୍ୱର ବ୍ଲକ ରାମନଗର ପାଟଣା ସେବା ସମବାୟ ସମିତିରେ ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ପ୍ରାୟ ୪୬୪ ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି। ମାତ୍ର ଦୁଃଖର ବିଷୟ ଯେ, ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ମାତ୍ର ୯୭ ଜଣ ଚାଷୀଙ୍କ ଠାରୁ ଧାନ କିଣାଯାଇଛି। ଅବଶିଷ୍ଟ ଚାଷୀମାନେ ନିଜର କଷ୍ଟଅର୍ଜିତ ଧାନ ବିକି ନ ପାରି ମଣ୍ଡି ଓ ମିଲରଙ୍କ ଅବହେଳାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଚାଷୀ କ୍ରିୟାନୁଷ୍ଠାନ କମିଟି ସଭାପତି ରବିନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଓ ସାମାଜିକ ସଂଗଠନର ନେତାମାନେ ସମର୍ଥନ ଜଣାଇଥିଲେ। ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ପରିଡା, ପୌରପାଳିକା ଉପାଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କାମିଲା, ବ୍ଲକ୍ କଂଗ୍ରେସ ସଭାପତି ହେମନ୍ତ ଗିରି, କଂଗ୍ରେସ ନେତା ସୁଦର୍ଶନ ଦାସ, ରାଧାଶାମ୍ ସାହୁ, ମଧୁସୁଧନ ଦାସ, ରାଜୀବ ପରିଡାଙ୍କ ସମେତ ବହୁ ଚାଷୀ ସାମିଲ ହୋଇ ସରକାର ଓ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ଆନ୍ଦୋଳନ ତୀବ୍ର ହେବା ପରେ ଦିନ ପ୍ରାୟ ୧ଟା ସମୟରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଯୋଗାଣ ବିଭାଗ ଅଧିକାରିଣୀ ଅବନ୍ତିକା ସାହୁ ଏବଂ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ତହସିଲଦାର ସତ୍ୟଜିତ ମହାନ୍ତି ଚାଷୀଙ୍କ ସହ ଆଲୋଚନା କରି ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କିଣାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନର ପ୍ରତିଶ୍ରୁତି ପରେ ଚାଷୀମାନେ ଧାରଣାରୁ ଓହରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଦୁଇଟି ଟ୍ରକ ମଣ୍ଡିକୁ ପହଞ୍ଚି ଚାଷୀଙ୍କ ଠାରୁ ଧାନ ଉଠାଇବା ଆରମ୍ଭ କରିଥିଲେ। ଯାହାଫଳରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ଏପିଜେ ଅବଦୁଲ କଲାମ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ




ଔପଦା,୧୭।୨(ସମିସ) : ଔପଦା ବ୍ଲକ ମୁଖ୍ୟାଳୟରେ ଅବସ୍ଥିତ ଏପିଜେ ଅବଦୁଲ କଲାମ ଇଂଲିଶ ମିଡିୟମ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଅନନ୍ତ ପ୍ରସାଦ ପଣ୍ଡା, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ଅନୁଷ୍ଠାନ ର ପରିଚାଳକ କୃଷ୍ଣଚନ୍ଦ୍ର ସେଠୀ, ସାମ୍ବାଦିକ ଅଶୋକ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ନରହରି ନାୟକ, ରୂପାଥାଳିଆ ସମ୍ପାଦକ ଶିଶୁ ସାହିତ୍ୟିକ ନିରଞ୍ଜନ ପ୍ରସାଦ ବାରିକ, ସାମ୍ବାଦିକା ଧରିତ୍ରୀ ପଣ୍ଡା, ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ଅନୁଷ୍ଠାନର ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମା' ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ମା'ମାନଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମଞ୍ଜରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକ, ଶିକ୍ଷୟତ୍ରୀ ଶୁଭଶ୍ରୀ ଦାଶ, କାବ୍ୟଶ୍ରୀ ମଲ୍ଲିକ, କବିତା ମହାନ୍ତି, ଶୁଭଶ୍ରୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ




ଜଳେଶ୍ୱର ବ୍ଲକ, ୧୭।୨ (ସମିସ): ମଦର୍ସ କେୟାର ଇଣ୍ଡାସ ଇଣ୍ଟରନ୍ୟାସନାଲ ସ୍କୁଲ ଓଲମରାର ଦ୍ୱିତୀୟ ବାର୍ଷିକ ଉତ୍ସବ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେଇଯାଇଛି। ସ୍କୁଲର ଅଧ୍ୟକ୍ଷା ତପସ୍ୱିନୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଅଞ୍ଜଳି ପ୍ରଧାନ, ମୁଖ୍ୟବକ୍ତା ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ, ସମ୍ମାନିତ ଅତିଥି କାଞ୍ଚନବାଳା ଚାନ୍ଦ, ପ୍ରତିଷ୍ଠାତା ଅବଦୁଲ ଉସମାନ ଖାନ ଏବଂ ସମ୍ପାଦିକା ସବିନା ଖାନନ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବନ୍ଦନା ବାରିକ ମଞ୍ଚ ଆହ୍ୱାନ କରିଥିବା ବେଳେ ସୁଶ୍ରୀ କଳ୍ପନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଲିପ୍ସିତା ଦେ, ବିଧାନ ଦାସ, ଅଞ୍ଜନ ସିଂ, କ୍ରିଷ୍ଣା ରାଣୀ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ।

## ଔପଦା ବ୍ଲକରେ ଜନଶୁଣାଣି ଶିବିର



ଔପଦା,୧୭।୨(ସମିସ): ଔପଦା ବ୍ଲକ ଯୁଗ୍ମ ଜନଶୁଣାଣିରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ପୂରଣ ଦାବିରେ ପଞ୍ଚାୟତ ପ୍ରତିନିଧି ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ ଅନୁସାରେ ମୋଟ ୩୮ ଅଭିଯୋଗ ଶୁଣାଣୀ ହୋଇଥିଲା। ଏହି ଯୁଗ୍ମ ଜନ ଶୁଣାଣିରେ ଏସ୍ପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ସିଡିଏମଓ ପ୍ରଭାତ କୁମାର ବେହେରା, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ବିଡ଼ିଓ ଶାଶ୍ୱତୀ ସାହୁଆଳ, ଔପଦା ତହସିଲଦାର ପ୍ରଜ୍ଞା ପରମିତା, ନୀଳଗିରି ତହସିଲଦାର ସୁନମ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପାନୀୟ ଜଳ, ଗମନାଗମନ, ଭତ୍ତା, ସାଧାରଣ ବଣ୍ଟନ, ଜମିବିବାଦ, ଜଙ୍ଗଲ ସୁରକ୍ଷା ଓ ନରଣପୁର ର ପାଚିକା ଚୟନର ଅନିୟମିତତା ସମେତ ବିଭିନ୍ନ ବିଭାଗର ମୋଟ ୩୮ ଟି ଅଭିଯୋଗ ହୋଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନାୟକ ଓ ଶ୍ରୀ ରାଉତ ଧାରଣାରତ ପଞ୍ଚାୟତ ପ୍ରତିନିଧି ମାନଙ୍କ ଅଭିଯୋଗ କୁ ଆଲୋଚନା କରି ଦାବି ପୂରଣ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣା ରେ ବ୍ଲକ ଅଧ୍ୟକ୍ଷା ବିସିବିସ୍ୱା ପାତ୍ର, ଉପାଧ୍ୟକ୍ଷ ପ୍ରଭାକର ସାହୁ, ଜିଲ୍ଲାପରିଷଦ ସଦସ୍ୟା ମୁନି ସିଂ, ସରପଞ୍ଚ ସଂଘର ସଭାପତି ନିତ୍ୟାନନ୍ଦ ମୁଦୁଲି, ନିରଞ୍ଜନ ବାରିକ, ସରପଞ୍ଚ ଦୀପ୍ତି ରାଣୀ ନାୟକ, ଅଶୋକ କୁମାର ଜେନା, ପୁରୁଷତ୍ତମ୍ ସେଠୀ, ଜୟଶ୍ରୀ ମାଝୀ, ଅନୁପମା ବିଶ୍ୱାଳ, ସମିତି ସଭ୍ୟା ଉଷାରାଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୁଗ୍ମ ଜନଶୁଣାଣୀରେ ବିଭିନ୍ନ ବିଭାଗର ଜିଲ୍ଲା ପଦାଧିକାରୀ ଓ ବ୍ଲକ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

**କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦ ପୂରଣ ଦାବିରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା**

## ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ନୀଳଗିରି, ୧୭।୨ (ସମିସ): ମଙ୍ଗଳବାର ଦିନ ପ୍ରାୟ ୧୦ଟାରେ ନରଣପୁର ଭାଲୁକାଶୁଣି ରାସ୍ତାର ପାଣିଟାଙ୍କି ପାଖରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇପଡିଥିବାର ଜଣାପଡ଼ିଛି। ବରହମପୁର ଅଞ୍ଚଳର ଗଙ୍ଗାଧର ଚୌଧୁରୀ ଏକ ବାଇକ୍ ଯୋଗେ ବିମ୍ପୁରିଆ ହାଇସ୍କୁଲକୁ ଯାଉଥିବାବେଳେ ନରଣପୁର ପାଣିଟାଙ୍କି ନିକଟରେ ବିପରୀତ ଦିଗରୁ ବେତକଟା ମେଡିକାଲର କର୍ମଚାରୀ ମୁନା ଦତ୍ତ ଏକ ବାଇକ୍ ଯୋଗେ ବରହମପୁରକୁ ଯାଉଥିବା ବେଳେ ଉଭୟ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକଆରୋହୀ ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ଗଙ୍ଗାଧର ଚୌଧୁରୀଙ୍କ ଡାହାଣଗୋଡ଼ ଭାଙ୍ଗିଯାଇଥିବା ଅନୁମାନ କରାଯାଇଥିବା ବେଳେ ଦେହ, ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅନ୍ୟପଟେ ମୁନା ଦତ୍ତଙ୍କ ମୁଣ୍ଡରେ ଗଭୀର ଆଘାତଲାଗିବା ସହିତ ଦେହରେ ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ସ୍ଥାନୀୟଲୋକ ଘଟଣାସ୍ଥଳରେ ପହଞ୍ଚି ଦୁଇ ବାଇକ୍ ଆରୋହୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଦୁଇଜଣଙ୍କୁ ବାଲେଶ୍ୱର ଡ଼ାକ୍ତରଖାନାକୁ ପଠା ଯାଇଥିବାର ସୂଚନା ମିଳିଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଜଳେଶ୍ୱର ବ୍ଲକ/ଜଳେଶ୍ୱର,୧୭।୨(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ବାଲେଶ୍ୱରଙ୍କ ସହଯୋଗରେ ଜଳେଶ୍ୱର ପଞ୍ଚାୟତ ସମିତି ଆୟୋଜନରେ ଜଳେଶ୍ୱର ଶାନ୍ତିଆ ସରକାରି ଉ.ପ୍ରା. ବିଦ୍ୟାଳୟ ପରିସରରେ ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଶିଶୁ ବିକାଶ ଅଧିକାରିଣୀ ମିନତି ରାଣୀ ସିଂ, ଆଇଆଇସି ଅଶୋକ କୁମାର ବାରିକଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହିତ ଅସ୍ଥିଶଲ୍ୟ, ରକ୍ତ ହୀନତା, ସ୍ନାୟୁ ଆଘାତ, ଦୃଷ୍ଟିବାଧିତ ଆଦି ବିଭାଗର ଡ଼ାକ୍ତର ମାନେ ଉପସ୍ଥିତ ରହି ସବୁ ବିଭାଗର ହିତାଧୀକାରୀ ମାନଙ୍କୁ ପରୀକ୍ଷା କରି ଚିହ୍ନଟ କରାଯାଇ ଥିଲା। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଅଙ୍ଗନବାଡ଼ି, ଆଶାକର୍ମୀ, ଶାନ୍ତିଆ ସରକାରି ଉ.ପ୍ରା.ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ସହଯୋଗ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ, ରକ୍ତ ହୀନତା, ସ୍ନାୟୁ ଆଘାତ ବିଭାଗ ପକ୍ଷରୁ ୨୫୩, ଦୃଷ୍ଟିବାଧିତ ବିଭାଗପକ୍ଷରୁ ୬୧, ମାନସିକ ଅନଗ୍ରସର ପକ୍ଷରୁ ୬୮ ଜଣ ମୋଟ ୩୮୨ ଜଣ ଏହି ସବୁ ବିଭାଗରେ ପଞ୍ଜିକରଣ କରି ଡ଼ାକ୍ତର ମାନଙ୍କଠାରେ ପରୀକ୍ଷା କରାଇ ଥିଲେ।

## ଟିଆକଟା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

ନୀଳଗିରି,୧୭।୨(ସମିସ): ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ଅଧୀନ ଟିଆକଟା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନୀଳକଣ୍ଠ କବାଟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଗରଡ଼ିହି ସରପଞ୍ଚ ଶିବାଜୀ ସିଂ ଯୋଗଦେଇ ପ୍ରତିଭା ହିଁ ପିଲାଙ୍କୁ ପରିଚିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ନୀଳଗିରିର ଆଦିବାସୀ ଇଲାକାରେ ଅନେକ ପ୍ରତିଭା ଲୁଚି ରହିଛି; ସେମାନଙ୍କର ବିକାଶ ପାଇଁ ସମସ୍ତେ ଅଣ୍ଟା ଭିଡ଼ିବା ଜରୁରୀ ବୋଲି ମୁଖ୍ୟବକ୍ତା ସାମ୍ବାଦିକ ଅତୁଲ ସ କହିଥିଲେ। ସମ୍ମାନନୀୟଅତିଥିଭାବେ ସିଆରସିସି ସାବିତ୍ରୀମଣି ସିଂ, ଅବସରପ୍ରାପ୍ତ ଶିକ୍ଷକ ରାଧାଗୋବିନ୍ଦ ପଶା, ସୁଦର୍ଶନ ସିଂ, ରମେନ୍ଦ୍ର ଜେନା, ଭାଲୁକାଶୁଣି ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ ଅକ୍ଷୟ ଦାସ, ଅଁଳାପାଳ ୟୁଜିୟୁପି ସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରି, ସ୍କୁଲ ପରିଚାଳନା କମିଟି ସଭାପତି ମୁନସୀ ସିଂ ପ୍ରମୁଖ ଯୋଗଦେଇ ପିଲାଙ୍କୁ ସଂସ୍କାରୀ ତଥା ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ପଦ୍ମାବତୀ ବିଶ୍ୱାଳ ଅତିଥି ପରିଚୟ ଦେଇଥିବାବେଳେ ଶିକ୍ଷକ ଜଗଦ୍ଦୀଶ ସିଂ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ନାୟକ, ରିନାରାଣୀ ସିଂ, ଶିକ୍ଷକ ରାଜେନ୍ଦ୍ର ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରାଯାଇଥିବାବେଳେ ଶ୍ରେଷ୍ଠ ମା'ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଷ୍ଟମଶ୍ରେଣୀ ଛାତ୍ରୀ ସଞ୍ଜୁକ୍ତା ସିଂଙ୍କ ସଂସ୍କାରୀ ହେବା ବକ୍ତବ୍ୟ ସହ ଲବଲି ସିଂ, ବେବୀ ସିଂ, ନନ୍ଦିନୀ ସିଂ, ବବି ସିଂ, ପ୍ରିୟଦର୍ଶିନୀ, କାର୍ତ୍ତିକ, ଶିବଶଙ୍କର, ଅମିନ ସିଂ ପ୍ରମୁଖ ବିଦ୍ୟାର୍ଥୀଙ୍କ ନୃତ୍ୟ ସଂଗୀତ ସମସ୍ତଙ୍କ ମନ କିଣିଥିଲା।

## ଶାଶୂଙ୍କ ମୃତ୍ୟୁ ଖବର ଶୁଣି ଆଖି ବୁଜିଲେ ବୋହୂ

ନୀଳଗିରି, ୧୭।୨ (ସମିସ): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ଶାଶୂଙ୍କ ମୃତ୍ୟୁ ଖବର ଶୁଣି ବୋହୂ ଜଣକ ଡାକ୍ତରଖାନା ଶଯ୍ୟାରେ ଆଖିବୁଜିବା ଘଟଣା ଦୁଃଖଦ ପରିବେଶ ସୃଷ୍ଟି କରିଛି। ନୀଳଗିରି ଏନ୍.ଏ.ସି ୨ନଂ ୱାର୍ଡ ଅଧୀନ ଘାଟଘରସାହି ଅଞ୍ଚଳର ଧର୍ମପ୍ରାଣା ଉତ୍ତରା ଜେମାଦେବୀ (୮୮)ଙ୍କ ରକ୍ତହୀନତା ପାଇଁ ତାଙ୍କୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ କରାଉଥିଲେ। ଗତ ରବିବାର ରାତ୍ରୀ ୧୦ ଘଟିକା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ଶାଶୂ ଉତ୍ତରା ଜେମାଦେବୀ ସେଠାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ବୋହୂ ସୁସ୍ମିତା ଜେମାଦେବୀ(୫୪) ଦେଖାଶୁଣା କରୁଥିଲେ। ସୋମବାର ଶାଶୁଙ୍କ ମର ଶରୀରକୁ ଘାଟଘରସାହି ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେପଟେ ପ୍ରତିଦିନ ଡାକ୍ତରଖାନାରେ ଶାଶୂଙ୍କ ସେବା କରୁଥିବା ବୋହୂ ଜଣକ ଏହି ଦୁଃଖଦ ଖବର ଶୁଣି



ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରର (କେୟାର) ନାମକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମରଶରୀରକୁ ଘର ଘାଟଘର ସାହି ଅଣାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଚନ୍ଦ୍ରକାନ୍ତ ବିରବର ସହିତ ପୁଅ ରିତେଷ ବିରବର, ଝିଅ ରିତା ଜେମା ଦେବୀ, ଜ୍ୱାଇଁ, ନାତି, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବର ପାଇ ନୀଳଗିରି ର ବହୁ ବିଶିଷ୍ଟ ବ୍ୟକ୍ତି ଘାଟଘରସାହି ସ୍ଥିତ ବାସଭବନରେ ଶେଷ ଦର୍ଶନ କରିବା ସହ ତାଙ୍କ ଶବାଧାରରେ ମାଲ୍ୟାର୍ପଣ କରିଥିଲେ। ପୁଅ ରିତେଷ ମୁଖାଗ୍ନି ଦେଇଥିବା ବେଳେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚର ସମ୍ବର୍ଦ୍ଧନା ସଭା



ସିମୁଳିଆ, ୧୭।୨ (ସମିସ): ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ବାଲିଖଣ୍ଡ ଠାରେ ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସାନାତନ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚ ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ଦାମୋଦର ନାୟକ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁକ୍ତ ତିନି ବାଲିଖଣ୍ଡ ମହାବିଦ୍ୟାଳୟର ଅଧ୍ୟାପକ ସୁଧୀର ମୁଦୁଲି, ସମ୍ମାନିତ ଅତିଥି ଭାବେ ଓଡିଶା ପ୍ରାନ୍ତ ମୁନି ସମାଜର ଅଧ୍ୟକ୍ଷ ଦଶରଥ ପଣ୍ଡା, ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ସ୍ଥାନୀୟ ସରପଞ୍ଚ କାମିନୀଲତା ସେଠୀ, ସମିତି ସଭ୍ୟ ମାନଭଞ୍ଜନ ଶିଅଳ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚର ଉପଦେଷ୍ଟା ବାଙ୍କବିହାରୀ ରାଉତ ମଞ୍ଚ ଆହ୍ୱାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବାର୍ଷିକ ପତ୍ରିକା "ଶତାୟୁ"ର ଉନ୍ମୋଚନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସଭାପତି ଶ୍ରୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପିକା ରାଧାରାଣୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଦାମୋଦର ନାୟକ, କୈଳାଶ ମହାପାତ୍ର, ସୁରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଯୋଗଦେଇ ୧୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସେହି ମଞ୍ଚରେ ସମ୍ମାନିତ କରିଥିଲେ। ମଞ୍ଚର ଉପସଭାପତି ଗଙ୍ଗାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଣ୍ଡାବଣିଆରେ ସାମ୍ପ୍ରଦାୟିକ ସଦ୍‌ଭାବନା ବୈଠକ

ଚନ୍ଦନେଶ୍ୱର,୧୭।୨(ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ବାଜିତପୁର ଗ୍ରାମପଞ୍ଚାୟତର ମୁଣ୍ଡାବଣିଆ ମଦ୍ରାସା ପଡିଆରେ ମାହେ ରମଜାନ ଅବସରରେ ଏକ ସାମ୍ପ୍ରଦାୟିକ ସଦ୍‌ଭାବନା ବୈଠକ ଅନୁଷ୍ଠିତହୋଇଉଭୟହିନ୍ଦୁଓମୁସଲମାନସମ୍ପ୍ରଦାୟମଧ୍ୟରେସଦଭାବନା, ଭାଇଚାରା ଓ ସମ୍ପ୍ରିତିର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏଥିରେ ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା, ବିଜେପି ନେତା ସଂଜୀବ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଗଣପତି ଗିରି, ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ମହାନ୍ତି, ଶିକ୍ଷକ ନେତା ଗୋପବନ୍ଧୁ ମହାପାତ୍ର, ବାଜିତପୁର ସରପଞ୍ଚ ତୁଳସୀ ଜେନା, ବାଜିତପୁର ସଦସ୍ୟ ତପନ ଦାସ, କଖଡା ସରପଞ୍ଚ ପୁଷ୍ପାଞ୍ଜଳି ମହାନ୍ତି, ଜ୍ୟୋତିପ୍ରକାଶ ମହାନ୍ତି, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁଜାବୁଲ ସାହା, ଇନ୍ତେଜାଲଅଲ୍ଲୀ ଖାଁ, ୱାର୍ଡସଭ୍ୟା ମଙ୍ଗଳି ବିବି, ଅଲ୍ଲାହୁସେନ ସାହା, ପାରେଶ ଖାନ, ସରାବ ଖାନ, ଜାକିରହୁସେନ ଖାନ, ଲାଲଚନ ଅଲ୍ଲୀ ଖାନ, ଜାଫର ଖାଁ ପ୍ରମୁଖ ସହଯୋଗ କରିଥିଲେ।



## ଘରେ କଳାକନା ବୁଲାଇଲା ଦୁର୍ବୃତ୍ତ

ଭୋଗରାଇ, ୧୭।୨ (ସମିସ): ଭୋଗରାଇ ବ୍ଲକ ପାଣିଷଣ୍ଡା ପଞ୍ଚାୟତର ଗଣେଶ୍ୱରପୁର ଗ୍ରାମର ସଞ୍ଜୟ କୁମାର ଦାସଙ୍କ ଘରୁ ସାତ ଲକ୍ଷ ଟଙ୍କାର ସୁନା ଓ ରୂପା ଗହଣା ଚୋରି କରିନେଲେ ଦୁର୍ବୃତ୍ତ। ସୂଚନା ଏହିକି ଯେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସଞ୍ଜୟ ଦାସ ଘର ଲୋକେ ଶୋଇଥିବା ବେଳେ ନିଶା ଦ୍ରବ୍ୟ ସିଞ୍ଚନ କରି ଗ୍ରିଲ ଓ କବାଟର ତାଲା ଭାଙ୍ଗି ଘରଭିତରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଦୁର୍ବୃତ୍ତମାନେ ଘରଭିତରେ ଟ୍ରଙ୍କ ମାରି ଏଣେ ତେଣେ ଟଙ୍କା ଓ ଗହଣା ଚୋରି କରୁଥିବା ସମୟରେ ସଞ୍ଜୟଙ୍କ ବଡ଼ ଝିଅ ନିଦ ଭାଂଗି ଯିବାରୁ ସେ ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ଦୌଡି ପଳେଇ ଯାଇଥିଲେ। ଚିତ୍କାର ଶୁଣି ଘର ଲୋକ ଉଠି ଦେଖିବା ବେଳକୁ ଘରେ ଥିବା ୩୦ ଗ୍ରାମର ସୁନା,୧୦୦ ଗ୍ରାମର ରୁପା ଏବଂ ନଗଦ ୮୦ ହଜାର ଟଙ୍କା ଦୁର୍ବୃତ୍ତ ମାନେ ଚୋରି କରି ନେଇଯାଇଛନ୍ତି। ସକାଳେ ଏହି ଘଟଣାକୁ ନେଇ ସଞ୍ଜୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ ଅଧିକ ତଦନ୍ତ କରୁଛନ୍ତି।

# ହାଇସ୍କୁଲ ଆଗରେ କୁଢ଼ କୁଢ଼ ଆବର୍ଜନା

କାଳିପଦା, ୧୭।୨ (ସମିସ)



ବାଲିଆପାଳସ୍ଥିତ ସୁବର୍ଣ୍ଣ ରେଖା ସରକାରୀ ହାଇସ୍କୁଲ ଆଗରେ ଏବେ କୁଢ଼ କୁଢ଼ ମଇଳା ଜମା ହୋଇ ପଡି ରହିଛି। ଫଳରେ ପରିବେଶଟି ପୂତି ଗନ୍ଧମୟ ହୋଇ ଉଠିଛି। ସ୍ଥାନୀୟ ପାରୁଳିଆ ଛକ ବଜାରର ଦୋକାନୀ ମାନଙ୍କର ଅଳିଆ ଆବର୍ଜନା ପକାଇବାର କେନ୍ଦ୍ର ସ୍ଥଳ ପାଲଟିଛି ଏହି ସ୍କୁଲ ଆଗ। ନା ସ୍କୁଲ କର୍ତ୍ତୃପକ୍ଷ ନା ପଞ୍ଚାୟତ କର୍ତ୍ତୃପକ୍ଷ କେହି କୌଣସି ପଦକ୍ଷେପ ନେଉ ନାହାଁନ୍ତି। ସ୍କୁଲ ଆଗରେ ଥିବା ଡ୍ରେନଟି ମଧ୍ୟ ଅଳିଆ ଆବର୍ଜନାରେ ପୂରି ଯାଇଛି। ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା ଏଠାରେ ବାଟ ବଣା ହୋଇ ଯାଇଛି। କେତେ ଦିନ ତଳେ ବାଘା ଯତୀନ ସ୍ମୃତି ସେବା ପରିଷଦର ସ୍ୱେଚ୍ଛାସେବୀମାନେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରି କିଛି ଟା ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଏବେ ପୁଣି ଯେମିତି ଅବସ୍ଥାକୁ ସେମିତି ଅବସ୍ଥା। ଆଉ ଦିନେ ଦୁଇ ପରେ ସେଠାରେ ହାଇସ୍କୁଲ ବୋର୍ଡ ପରୀକ୍ଷା ହେବ। ଛାତ୍ର ଅବିଭାବକ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କେତେକ ଉଠା ଦୋକାନୀ ସ୍କୁଲ ପାଚେରୀ କଡରେ ବେଆଇନ ଭାବେ ଦୋକାନ ପକାଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଅଥବା ପଞ୍ଚାୟତ ପକ୍ଷରୁ କୌଣସି ଆଙ୍କୁଶ ନ ଥିବାରୁ ଅବାଧରେ ଏହି ସବୁ କାର୍ଯ୍ୟ ହେଉଛି ବୋଲି କୁହାଯାଇଛି। ତେବେ ପ୍ରଧାନ ଶିକ୍ଷକ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ନିରବ ରହିଛନ୍ତି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ର ଅବିଭାବକ ଦୃଢ଼ ଦାବି କରିଛନ୍ତି।

## ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାହାର

ସିମୁଳିଆ, ୧୭।୨ (ସମିସ): ମଙ୍ଗଳବାର ଅପରାହ୍ନ ୪ଟାରେ ସୋସାଇଟିରେ ଗ୍ରୁପ ଟଙ୍କା ଜମା କରି ସ୍କୁଟି ଯୁଗେ ଘରକୁ ଫେରୁଥିବା ବେଳେ ମାର୍କୋଣା ବସ୍ଷ୍ଟାଣ୍ଡ କାଜୁଆ ମିଠା ଦୋକାନ ଆଗରେ ଜଣେ ମହିଳାଙ୍କ ବେକରୁ ଦୁଇ ଦୁର୍ବୃତ୍ତ ସୁନାହାର ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ମହିଳାଜଣକ ହେଲେ ବେବିଲତା ନାୟକ। ଘଟଣା ନେଇ ସିମୁଳିଆ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଚଳାଇଛି।

